ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail: iprsec.or@nic.in

News ID-IPR/HT&HOD)/1152/28-01-2021

# ପଞ୍ଚଦଶ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା
## ୪ କୋଟିରୁ ଊର୍ଦ୍ଧ୍ୱର ବେପାର

ଭୁବନେଶ୍ୱର, ତା.୨୮/୦୧/୨୦୨୧

ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ସ୍ଥାନୀୟ ଜନତା ମଇଦାନଠାରେ ଜାନୁଆରୀ ୨୧ ତାରିଖଠାରୁ ପଞ୍ଚଦଶ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା ଆରମ୍ଭ ହୋଇଛି । ଏହି ମେଳାରେ ସମୁଦାୟ ୨୮୦ ଗୋଟି ଷ୍ଟଲ ରହିଛି । ସେଥି ମଧ୍ୟରୁ ୧୬୬ଟି ହସ୍ତଶିଳ୍ପ ୨୮୦ ଗୋଟି ଷ୍ଟଲ ରହିଛି । ସେଥି ମଧ୍ୟରୁ ୧୬୬ଟି ହସ୍ତଶିଳ୍ପ ଷ୍ଟଲ ଓ ୧୧୪ଟି ହସ୍ତତନ୍ତ ଷ୍ଟଲ ରହିଛି । ଓଡ଼ିଶା ସମେତ ୨୪ଟି ରାଜ୍ୟର ବୁଣାକାର ଓ କାରିଗର ଏହି ମେଳାରେ ଅଂଶଗ୍ରହଣ କରିଛନ୍ତି ।

ହସ୍ତଶିଳ୍ପ ଷ୍ଟଲଗୁଡ଼ିକରେ ଅତି ସୁନ୍ଦର ପଥର ଖୋଦେଇ, କାଠ ଖୋଦେଇ, ପଥର ବାସନ, କଂସା ଓ ପିତ୍ତଳର ବିଭିନ୍ନ ପ୍ରକାରର ବାସନ, ଘର ସଜେଇବା ସାମଗ୍ରୀ, ପଟ୍ଟଚିତ୍ର, ବେତ ଓ ବାଉଁଶ କାମ, ନଡ଼ାରେ ତିଆରି ୱାଲ୍ ହ୍ୟାଙ୍ଗିଙ୍ଗ୍, ଟେରାକୋଟା ସାମଗ୍ରୀ, କାଇଁଚ କାମ, ସବାଇ ଘାସରେ ତିଆରି ବିଭିନ୍ନ ଘର ସଜେଇବା ଜିନିଷ ଆଦି ଲୋକମାନଙ୍କୁ ଆକୃଷ୍ଟ କରୁଛି । ଏହି ତୋଷାଳି ମେଳାରେ ଭିନ୍ନକ୍ଷମ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପ ସାମଗ୍ରୀମାନ ମଧ୍ୟ ଉପଲବ୍ଧ ହେଉଛି । ଆଗ୍ରାର କାଚ ତିଆରି ଘର ସଜାଇବା ସାମଗ୍ରୀ, ପଶ୍ଚିମବଙ୍ଗର ଚମଡ଼ା ପ୍ରସ୍ତୁତ ବ୍ୟାଗ ଓ ଚପଲ ଇତ୍ୟାଦି, ଆସାମର ବାଉଁଶ କାମ, ଦିଲ୍ଲୀ ଓ ପଂଜାବର ଏମ୍ବ୍ରଡରି କାରୁକାର୍ଯ୍ୟ ଦର୍ଶକମାନଙ୍କୁ ବେଶ୍ ଆକୃଷ୍ଟ କରୁଛି ।

ସେହିପରି ତୋଷାଳି ମେଳାରେ ଓଡ଼ିଶା ସମେତ ଅନ୍ୟ ରାଜ୍ୟର ହସ୍ତତନ୍ତ ଲୁଗା, ଡ୍ରେସ ମ୍ୟାଟେରିଆଲ୍ ଏବଂ ଭଗାମୁଣ୍ଡା ଟସର ବସ୍ତ୍ର ଷ୍ଟଲ୍‌ରେ ଗ୍ରାହକଙ୍କର ପ୍ରବଳ ଭୀଡ଼ ଦେଖିବାକୁ ମିଳୁଛି । ଆଜି ମେଳା ପରିସରକୁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ପଦ୍ମିନୀ ଦିଆନ ପରିଦର୍ଶନରେ ଆସି ବିଭିନ୍ନ ଷ୍ଟଲ ବୁଲି ଦେଖିଥିଲେ ଏବଂ କାରିଗର ଓ ବୁଣାକାରମାନଙ୍କୁ ସେମାନଙ୍କର ବ୍ୟବସାୟ ସଂପର୍କରେ ପଚାରି ବୁଝିଥିଲେ । ଜାନୁଆରୀ ୨୭ ତାରିଖ ସୁଦ୍ଧା ତୋଷାଳି ମେଳାରେ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ ହୋଇଥିବାର ଜଣାପଡ଼ିଛି । ଏହି ମେଳା ପ୍ରତ୍ୟହ ଦିବା ୨ ଘଟିକାଠାରୁ ରାତି ୯ ଘଟିକା ପର୍ଯ୍ୟନ୍ତ ଫେବୃଆରୀ ୪ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ ।

ଡକ୍ଟର ଜ୍ୟୋତିର୍ମୟୀ ସାମନ୍ତରାୟ
ସୂଚନା ଅଧିକାରୀ